# ଆମେ ଶାନ୍ତି ଚାହୁଁ

କବି ରଘୁନାଥ ଦାସ

ମିଳାଇ ନାହିଁ ତ ଧୂଆଁ... ଆମ ଦେହୁଁ ଶୁଖିନି ଘାଉଡ଼ା

ଏବେ ବି ତା ରାସ୍ତାଘାଟେ ଜମି ରହେ ହାଡ଼ କୁଢ଼ କୁଢ଼

ମଣିଷର । ବାରୁଦର ତିକ୍ତଗନ୍ଧ ହୋଇନି ହାଲୁକା... ।

ବହିଲା ଯେ ରକ୍ତ ଧାରା ସମୁଦାୟ ଭେଦିନି ମୃତ୍ତିକା ।

ଫାସିଷ୍ଟର ବିଷ ଶ୍ବାସେ ଝାଉଁଳିଲା ଯେତେ ଜନପଦ,

ହସିନି ତ ସେଠି ପୁଣି ଜୀବନର ସବୁଜ ସମ୍ପଦ ।

ବୋମା ଗାଡ଼ ପୁରିନାହିଁ ଘୁଞ୍ଚିନାହିଁ ଦୁର୍ଦ୍ଦିନର ଛାଇ

ମୁକ୍ତିଲାଗି ଢ଼ାଳିଲୁ ଯେ ଲହୁଲୁହ କହ ସୁସ୍ତି କାହିଁ?

ଯୁଦ୍ଧର ଡ଼ାକରା ପୁଣି? ଆଉଥରେ ମୃତ୍ୟୁର ଚିତାଉ?

ନା... ନା-

ଆମେ ଶାନ୍ତି ଚାହୁଁ!!

ହୋଇନି ତା ଇତିହାସ... ରକ୍ତମୁଖା ନାଜୀ ଜାନୁଆର

ଭିଆଇଲା ଯେତେ ହତ୍ୟା ଆଜି ମଧ୍ୟ ସରିନି ବିଚାର

ସେ ସବୁରି । ଶାନ୍ତି ଫର୍ଦ୍ଦେ ଆର୍ଦ୍ର ଅଛି ଏବେ ବି ସନ୍ତକ

ମୃତବତ୍ସା ଜନନୀର ନେତ୍ରପ୍ରାନ୍ତେ ଝରୁଛି ଲୋତକ

ଏବେ ବି ତ । ଏବେ ବି ତ ମେସିନ୍‌ଗନ୍ ଗିରୀଫଟା ଟାଟା-

www.jatayu.org

# ଆମେ ଶାନ୍ତି ଚାହୁଁ

କବି ରଘୁନାଥ ଦାସ

ଅଛି କାନେ । ହଜିଗଲା ସୈନିକର ମିଳିନାହିଁ ପତ୍ତା ।

ପ୍ୟାରୀ ପରିଷଦ ଗୃହେ ଲାଗିନାହିଁ ସାନି ପଲସ୍ତରା ।

ହାୟ ହାୟ କରି ଉଠେ ନିର୍ଯାତିତା ଦଗ୍‌ଧ ବସୁନ୍ଧରା ।

ଉତ୍‌ପୀଡ଼ିତ ଜନତାର ତପ୍ତଶ୍ବାସେ ଭାରାକ୍ରାନ୍ତ, ବାୟୁ

ଏବେ ମଧ୍ୟ । ପୁଣି ଯୁଦ୍ଧ?

ନା... ନା-

ଆମେ ଶାନ୍ତି ଚାହୁଁ!!

କୋଟି କୋଟି ଗ୍ଲାନି ଜଡ଼ିରହେ ଏ ଜୀବନେ...ତଥାପି ତା ପ୍ରିୟ

ଲାଗେ ଅତି ।

ଟିକିଏ କୋହଳ କର ସର୍ବଗ୍ରାସୀ ମୁନାଫାର ଜାବ ।

ଲୋଡ଼ୁ ଖାଲି ଚାଖଣ୍ଡକ ଲାଗି ଠାବ... ଚାଲିଛି ନିଶାପ

ମହଙ୍ଗାଭତ୍ତାର । କହ, ତେଲ ଲୁଣ ଘେନି ଏ ସଂସାର

ମିଟାଇଛି କିଏ ଭାଇ? ଚାରିଦିଗ ଦିଶୁଛି ଅନ୍ଧାର:

ଦିନୁଁ ଦିନ ଚଢ଼େ ଦର; ଟଙ୍କାକରେ ସେରେ ତ ଚାଉଳ,

କି କାଳ ଘୋଟିଲା ହାୟ! କପାଳୁଗା ହେଲା ପାଟମୂଳ ।

ସପନ ହୋଇଛି କନ୍ଦ, ଖସିନାହିଁ କିରାସିନି ଭାଉ ।

ନା... ନା-

www.jatayu.org

# ଆମେ ଶାନ୍ତି ଚାହୁଁ

କବି ରଘୁନାଥ ଦାସ

ଆମେ ଶାନ୍ତି ଚାହୁଁ!!

( କବିତାଟି ପାଣ୍ଡୁଲିପି ଅବସ୍ଥାରେ ହିଁ ଆବିଷ୍କୃତ ହୋଇଛି । ଯେତେଦୂର ମନେହୁଏ, ଏହା ଅପ୍ରକାଶିତ ଓ ୧୯୫୧ ସାଲ ଜାନୁଆରୀ ୨୦ ତାରିଖରେ ରଚିତ ।)

www.jataayu.org